# ଆଲୋଚନାଚକ୍ର ବିବରଣୀ

ଯାଜପୁର ଜିଲ୍ଲା ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁସାମନ୍ତରାୟ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ "ମେହେର ସାହିତ୍ୟର ଭିତ୍ତି ଓ ଭୂତି" ଶୀର୍ଷକ ଏକ ଆଲୋଚନାଚକ୍ର ତା' ୨୦/୧୧/୨୦୨୩ ରିଖରେ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଆଗମିତ ଅତିଥିଗଣଙ୍କ ଆସନ ଗ୍ରହଣ ପରେ ଛାତ୍ରଛାତ୍ରୀଙ୍କ ତରଫରୁ ପୁଷ୍ପଗୁଚ୍ଛ ପ୍ରଦାନ ତଥା ବିଭାଗୀୟ ମୁଖ୍ୟ ପ୍ରଦୀପ କୁମାର ବରାଳଙ୍କୁ ସଭାପତି ଆସନ ଅଳଙ୍କୃତ କରିବା ପାଇଁ ଅନୁରୋଧ କରାଗଲା । ତତ୍ପରେ ମୁଖ୍ୟଅତିଥି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା, ମୁଖ୍ୟବକ୍ତା ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ,ଚଣ୍ଡୀଖୋଲର ଓଡ଼ିଆ ଭାଷାସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପିକା ସୁକେଶିନୀ ସାମଲ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଆଲୋଚନାଚକ୍ରର ଶୁଭ ଉଦ୍‌ଘାଟନ କରିଥିଲେ ।

ମୁଖ୍ୟ ଅତିଥି ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ମହୋଦୟ ଗଙ୍ଗାଧରଙ୍କ ସାରସ୍ୱତ ସାଧନା ତଥା କାବ୍ୟିକ ଚିନ୍ତାଧାରା କେତେ ଉଚ୍ଚକୋଟୀର ସେ ସମ୍ବନ୍ଧରେ ଉଦାହରଣ ଦେଇ ଛାତ୍ରଛାତ୍ରୀଙ୍କୁ ଅଭିଭୂତ କରିଦେଇଥିଲେ । ମୁଖ୍ୟବକ୍ତା ଅଧ୍ୟାପିକା ସାମଲ ମହୋଦୟା ତାଙ୍କ ଅଭିଭାଷଣରେ ଗଙ୍ଗାଧର କିପରି ଆଧୁନିକ ଯୁଗର ବିସ୍ମୟ ପ୍ରତିଭା ରୂପେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବା ସହିତ ଏହାର ଭିତ୍ତି ଯେପରି ଗଭୀର ଏହାର ଭୂତି ସେହିପରି ସୁଦୂର ପ୍ରସାରୀ ବୋଲି ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ । ସଭାପତି ଅଧ୍ୟାପକ ବରାଳ ସ୍ୱାଗତ ଅଭିଭାଷଣ ପ୍ରସଙ୍ଗରେ ଗଙ୍ଗାଧରଙ୍କ ମୌଳିକତା କିପରି ଓଡ଼ିଆ ସାହିତ୍ୟକୁ ଗୌରବମଣ୍ଡିତ କରିଛି ତାହା ସଦୃଷ୍ଟାନ୍ତ ଦର୍ଶାଇଥିଲେ । ବିଭାଗୀୟ ଅଧ୍ୟାପକ ଡ. ଦୀପକ କୁମାର ମିଶ୍ର ବିଷୟଭିତ୍ତିକ ସନ୍ଦର୍ଭ ପାଠକରି ମେହେରଙ୍କ ଶିକ୍ଷା କିପରି ଭାରତୀୟ ପରଂପରାଭିମୁଖୀ ସାହିତ୍ୟ ସୃଷ୍ଟି କରିଛି ତାହା ସୂଚୀତ କରିଥିଲେ । +୩ ତୃତୀୟବର୍ଷ ଛାତ୍ରୀ ସାନୁ ମହାରଣା ଓ ହରପ୍ରିୟା ବଳ ନିଜନିଜର ସ୍ୱଲିଖିତ ଭିତ୍ତି ପ୍ରବନ୍ଧ(ସେମିନାର ପେପର) ପଠନ କରିଥିଲେ । ଅଧ୍ୟାପିକା ଡ. ସରିତା ସେଠୀ ଅତି ଚମତ୍କାର ଶୈଳୀରେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ମେହେରଙ୍କ ସାହିତ୍ୟ ସମ୍ଭାରର ସୂକ୍ଷ୍ମ ଚେତନା ସମ୍ବନ୍ଧରେ ଅତିଥିଙ୍କୁ ପ୍ରଶ୍ନମାନ ପଚାରିବା ପରେ ସେମାନଙ୍କର ସମସ୍ତ ପ୍ରଶ୍ନର ଉତ୍ତର ଅତିଥି ମହୋଦୟ ଯେପରି ପ୍ରଦାନ କଲେ ତାହା ପ୍ରଣିଧାନର ବିଷୟ । ପରିଶେଷରେ ଅଧ୍ୟାପକ କିଶୋର କୁମାର ସାହୁ ସମସ୍ତଙ୍କୁ ଓଡ଼ିଆ ବିଭାଗ ତରଫରୁ କୃତଜ୍ଞତା ଜ୍ଞାପନ କରିବା ସହ ଅଧ୍ୟକ୍ଷ ତଥା ଅତିଥିଗଣଙ୍କୁ ଧନ୍ୟବାଦ ଅର୍ପଣ କରି ଅଧ୍ୟକ୍ଷଙ୍କ ଅଦମ୍ୟନିଷ୍ଠା ଯୋଗୁ ଏପରି ଆଲୋଚନାଚକ୍ର ସମ୍ଭବ ହୋଇପାରିଲା ବୋଲି ଅଶେଷ କୃତଜ୍ଞତା ପ୍ରକାଶ କରିବା ପରେ ସଭା ସାଙ୍ଗ କରାଯାଇଥିଲା । ବିଭାଗର ସମସ୍ତ ଛାତ୍ରଛାତ୍ରୀ ସହ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଏଥିରେ ଯୋଗଦେଇ ଏହାର ଉପାଦେୟତା ଉପଲବ୍ଧି କରିବା ସହ ସଂପାନଟିକୁ ସାଫଲ୍ୟମଣ୍ଡିତ କରିଥିଲେ ।

ପ୍ରଦୀପ କୁମାର ବରାଳ
ବିଭାଗୀୟ ମୁଖ୍ୟ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ବିଷ୍ଣୁସାମନ୍ତରାୟ ମହାବିଦ୍ୟାଳୟ, ନୂଆହାଟ

ପବିତ୍ର ମୋହନ ମାହାଲା
**Principal**
**Bishnu Samantray College**
**Nuahat, Arakhpur, Jajpur**

Scanned with CamScanner